ତ୍ରିଲୋଚନ ଲେଙ୍କା ଏବଂ ଅନ୍ୟମାନେ

ଓଡ଼ିଶା  ରାଜ୍ୟ ଏବଂ ଅନ୍ୟଜଣେ

ବନାମ

ମଣ୍ଡି ମୋହନ ସେଠି ଏବଂ ଅନ୍ୟଜଣେ

ଡ. ବିଶ୍ୱ  କଲ୍ୟାଣ ପଟ୍ଟନାୟକ ଏବଂ  ଅନ୍ୟମାନେ

ଏପ୍ରିଲ 26,1995

[ଆର୍. ଏମ୍. ସାହାଇ ଏବଂ ବି. ଏଲ୍. ହଂସାରିଆ, ନ୍ୟାୟମୂର୍ତ୍ତି ଦ୍ୱୟ]

*ଭାରତର ସମ୍ବିଧାନ, 1950 : ଅନୁଚ୍ଛେଦ  12 ।*

*ଓଡ଼ିଶା ରାଜ୍ୟ ବିଦ୍ୟୁତ ବୋର୍ଡ-  ଓଡ଼ିଶା ରାଜ୍ୟ  ପଦବୀ ଏବଂ ସେବାରେ (ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ପାଇଁ) ସଂରକ୍ଷଣ ଅଧିନିୟମ 1975  ଅନୁଯାୟୀ – ମନ୍ତବ୍ୟ : ନୁହେଁ*

*ସେବା ଆଇନ :*

*ଓଡ଼ିଶା ପଦବୀ ଏବଂ ସେବାରେ ଖାଲି ସ୍ଥାନ (ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ପାଇଁ) ସଂରକ୍ଷଣ ଅଧିନିୟମ, 1975 ।*

*ଓଡ଼ିଶା ରାଜ୍ୟ ବିଦ୍ୟୁତ ବୋର୍ଡ - ଅନୁସୂଚିତ ଜାତି/ଅନୁସୂଚିତ ଜନଜାତି ପାଇଁ ସଂରକ୍ଷିତ ପଦବୀରେ ନିଯୁକ୍ତି - ବୋର୍ଡ ପୂର୍ବରୁ ଏହି ଅଧିନିୟମ ଲାଗୁ କରିସାରିଛି - ଆନୁଷ୍ଠାନିକ ନିଷ୍ପତି  ନେବା ପୂର୍ବରୁ କର୍ମଚାରୀଙ୍କ ଉପରେ କୌଣସି ଆଇନଗତ ଅଧିକାର ନିଆଯାଇନାହିଁ - ତଥାପି କର୍ମଚାରୀମାନେ ନିଷ୍ପତି ପୂର୍ବରୁ ଦିଆଯାଇଥିବା ସୁବିଧା ଉପଭୋଗ ଜାରି ରଖିବେ - ସେମାନଙ୍କର ସେବା ପ୍ରତିକୂଳ ଭାବରେ ପ୍ରଭାବିତ ହେବ ନାହିଁ ।*

**ଅନୁସୂଚିତ ଜାତିର ସଦସ୍ୟ ଥିବା ପ୍ରତିବାଦୀମାନେ ଉଚ୍ଚ ନ୍ୟାୟାଳୟରେ ଏକ ଆବେଦନ ଦାଖଲ କରିଥିଲେ ଯେ ଓଡ଼ିଶା ପଦବୀ ଏବଂ ସେବା (ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ପାଇଁ) ଅଧିନିୟମ, 1975 ର ବ୍ୟବସ୍ଥାର ସୁବିଧା ତା 15.3.82 ରିଖ  ପୂର୍ବରୁ ସେମାନଙ୍କୁ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡ ଦ୍ୱାରା ଦିଆଯାଉ  ।**

**ଉଚ୍ଚ ନ୍ୟାୟାଳୟ  ଏହି ଆବେଦନକୁ ମଞ୍ଜୁରି  ଦେଇଥିଲେ  । ଉଚ୍ଚ ନ୍ୟାୟାଳୟଙ୍କ  ରାୟରେ  କ୍ଷୁବ୍ଧ ହୋଇ ଆବେଦନକାରୀମାନେ ବର୍ତ୍ତମାନର ଆବେଦନ ଦାଖଲ  କରିଥିଲେ ।**

**ଉତ୍ତରଦାତାମାନଙ୍କ ତରଫରୁ ଏହା ଯୁକ୍ତି କରାଯାଇଥିଲା ଯେ ଏହି ଅଧିନିୟମ ଅତଏବ ସମ୍ବିଧାନର ଅନୁଚ୍ଛେଦ  12  ଅନୁଯାୟୀ  ବୋର୍ଡ ଅଧୀନରେ ଥିବା ସେବା ପାଇଁ ବୋର୍ଡ ଏକ "ରାଜ୍ୟ" ଭାବରେ ପ୍ରଯୁଜ୍ୟ ; ଯେ**

କାର୍ଯ୍ୟକାରୀ ହୋଇଥିବା ଅଧିନିୟମ ରାଜ୍ୟ ଅଧୀନରେ ଥିବା ପଦବୀ ଏବଂ ସେବା ପାଇଁ ସମସ୍ତ ନିଯୁକ୍ତି ପାଇଁ ପ୍ରଯୁଜ୍ୟ ଥିଲା; ଆଇନର ବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟ କରିବା ପାଇଁ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା 29.5.76 ତାରିଖର ଚିଠିକୁ ବିଦ୍ୟୁତ୍ (ଯୋଗାଣ) ଆଇନର ଧାରା 78- A ଅନୁଯାୟୀ ଏହା ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶ ଭାବରେ ଗ୍ରହଣ କରିବାକୁ ପଡିବ ; ଯେ 3.7.96 ତାରିଖର ବୋର୍ଡର ଉପସଚିବଙ୍କ ଚିଠି ଅଧିନିୟମର ବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟ କରିବାକୁ ସମସ୍ତ ବିଷୟର ଆବଶ୍ୟକତା ଅଛି ; ଏବଂ ପ୍ରସ୍ତାବ ଗୃହୀତ ହେବାର ବହୁ ପୂର୍ବରୁ, ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ପ୍ରାର୍ଥୀମାନଙ୍କ ପାଇଁ ସଂରକ୍ଷିତ ପଦବୀ/ଖାଲି ପଦବୀଗୁଡ଼ିକ ନିମନ୍ତେ 31 ଅଗଷ୍ଟ, 1978 ଏବଂ 19 ସେପ୍ଟେମ୍ବର, 1979 ରେ କରାଯାଇଥିବା ନିଯୁକ୍ତିରୁ ଯାହା ସ୍ପଷ୍ଟ ହୋଇଛି, ବୋର୍ଡ ଅଧିନିୟମର ବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟ କରିବା ଆରମ୍ଭ କରିଛନ୍ତି ।

ଆବେଦନକାରୀଙ୍କ ତରଫରୁ ଏହା ଯୁକ୍ତି କରାଯାଇଥିଲା ଯେ ବୋର୍ଡର ତା 15.3.82 ରିଖର 266 ତମ ବୈଠକରେ ଗୃହୀତ ହେବାକୁ ଥିବା କୌଣସି ପ୍ରସ୍ତାବ ଅନୁଯାୟୀ ତା 3.7.76 ରିଖର ଚିଠିରେ ଉପସଚିବଙ୍କ ଦ୍ୱାରା ଜାରି କରାଯାଇ ନଥିଲା ।

ଆବେଦନକୁ ଅନୁମତି ଦେଇ, ଏହି ନ୍ୟାୟାଳୟ ଦର୍ଶାଇଛନ୍ତି ଯେ :

1. ଯେତେବେଳେ ଓଡ଼ିଶା ପଦବୀ ଏବଂ ସେବା (ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ପାଇଁ) ଅଧିନିୟମ, 1975 ରେ "ରାଜ୍ୟ" ଶବ୍ଦର ବ୍ୟାଖ୍ୟା କରାଯାଇ କାର୍ଯ୍ୟକରୀ ହୋଇଥିଲା ଓଡ଼ିଶା ରାଜ୍ୟ ସରକାର ଏବଂ ବିଧାନମଣ୍ଡଳକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଥିଲା । ବିଧାନମଣ୍ଡଳ ଏହି ଶବ୍ଦକୁ ଯେମିତି ବୁଝାଇଛନ୍ତି ଅଧିନିୟମରେ ବ୍ୟବହୃତ ହୋଇଥିବା ଶବ୍ଦ "ରାଜ୍ୟ" କୁ ସେହି ଅର୍ଥରେ ବୁଝିବାକୁ ପଡିବ । ଓଡ଼ିଶା ରାଜ୍ୟ ବିଦ୍ୟୁତ ବୋର୍ଡ ସାଧାରଣ ଶବ୍ଦ 'ରାଜ୍ୟ" ର ସଂଜ୍ଞାର ପରିସର ମଧ୍ୟରେ ଆସୁ ନାହିଁ। କାର୍ଯ୍ୟକାରୀ ହୋଇଥିବା ଅଧିନିୟମ, ଏହାର ନିଜସ୍ୱ ନିୟମ ଦ୍ୱାରା, ବୋର୍ଡର କର୍ମଚାରୀମାନଙ୍କ ପାଇଁ ପ୍ରଯୁଜ୍ୟ ନଥିଲା ।

2. 29.5.76 ତାରିଖର ସରକାରଙ୍କ ଚିଠି ବୋର୍ଡକୁ ଜାରି କରାଯାଇ ନାହିଁ କିମ୍ବା ଅଧିନିୟମର ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ବୋର୍ଡକୁ କୌଣସି ନିର୍ଦ୍ଦେଶ ହୋଇ ନାହିଁ। ଏହି ଚିଠି ସ୍ୱତଃ ବୋର୍ଡ ଅଧୀନରେ ଥିବା ପଦବୀ ଏବଂ ସେବାରେ ନିଯୁକ୍ତି ପାଇଁ ପ୍ରଯୁଜ୍ୟ ଅଧିନିୟମର ବ୍ୟବସ୍ଥାଗୁଡ଼ିକୁ ପ୍ରଦାନ କରି ନଥିଲା ।

3. ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ପ୍ରାର୍ଥୀମାନଙ୍କ ପାଇଁ ସଂରକ୍ଷିତ ପଦବୀଗୁଡ଼ିକ /ଖାଲି ପଦବୀଗୁଡ଼ିକ ପାଇଁ ବୋର୍ଡର ତା 3.7.76 ରିଖର ଉପସଚିବଙ୍କ ଚିଠି ଏବଂ 31 ଅଗଷ୍ଟ, 1978 ଏବଂ 19 ସେପ୍ଟେମ୍ବର, 1979 ରେ ନିଯୁକ୍ତ ହୋଇଥିବା ତଥ୍ୟ ଦର୍ଶାଏ ଯେ ବୋର୍ଡ ଅଧିନିୟମର ବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟ କରିବା ଆରମ୍ଭ କରିଥିଲେ । ତେବେ, ଏହି ତଥ୍ୟଗୁଡ଼ିକ, ବୋର୍ଡର କର୍ମଚାରୀଙ୍କ ପାଇଁ ଏକ ସର୍ତ୍ତ ପାଳଟିବା ପାଇଁ ଅଧିନିୟମର ବ୍ୟବସ୍ଥାଗୁଡ଼ିକ କମ୍ ଥିଲା । ଏଥିପାଇଁ ବୋର୍ଡର ଏକ ଆନୁଷ୍ଠାନିକ ନିଷ୍ପତ୍ତି ଆବଶ୍ୟକ ଥିଲା ଯାହା

**15.3.82 ରେ ନିଆଯାଇଥିଲା । ସେହି ତାରିଖ ପୂର୍ବରୁ କର୍ମଚାରୀମାନେ ଆଇନର ବ୍ୟବସ୍ଥାଗୁଡ଼ିକର ପାଳନ ଦାବି କରିବା ପାଇଁ କୌଣସି ଆଇନଗତ ଅଧିକାର ଦିଆଯାଇ ନଥିଲା ।**

**4. ଏହା ସ୍ପଷ୍ଟ କରାଯାଇଛି ଯେ ଯଦି ବୋର୍ଡର କୌଣସି ଅନୁସୂଚିତ ଜାତି/ଅନୁସୂଚିତ ଜନଜାତି କର୍ମଚାରୀମାନଙ୍କୁ ବୋର୍ଡର ତା 15.3.82 ରିଖର ନିର୍ଣ୍ଣୟ ପୂର୍ବରୁ ମଧ୍ୟ ଅଧିନିୟମ ବ୍ୟବସ୍ଥାଗୁଡ଼ିକର ଲାଭ ଦିଆଯାଏ, ତେବେ ସେମାନଙ୍କର ସେବା କୌଣସି ପ୍ରକାରେ ପ୍ରତିକୂଳ ଭାବରେ ପ୍ରଭାବିତ ହେବ ନାହିଁ ଏବଂ ସେମାନେ ସେମାନଙ୍କୁ ପ୍ରଦାନ କରାଯାଇଥିବା ସୁବିଧା ଉପଭୋଗ ଜାରି ରଖିବେ ।**

ଦେୱାନୀ ଆବେଦନ ଅଧିକାରିତା :ଦେୱାନୀ ଆବେଦନ ସଂଖ୍ୟା 1847 ଏବଂ 1848 /1989 ।

ଓଡିଶା ଉଚ୍ଚ ନ୍ୟାୟାଳୟଙ୍କ ଓ ଜେ ସି ସଂଖ୍ୟା 1745/1979 ରେ 30.7.87 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀମାନଙ୍କ ପାଇଁ ଏ. କେ. ପଣ୍ଡା ।

ଓଡ଼ିଶା ରାଜ୍ୟ ପାଇଁ ଆର୍. କେ. ମେହେତା ଏବଂ ଭେଙ୍କଟରମଣି ।

ସି . ଏ ସଂଖ୍ୟା 1848/89 ରେ ପ୍ରତିବାଦୀଙ୍କ ପାଇଁ ଏ. କେ. ପଣ୍ଡା ।

**ନ୍ୟାୟମୂର୍ତ୍ତି ହଂସାରିଆଙ୍କ** ଦ୍ୱାରା ନ୍ୟାୟାଳୟଙ୍କ ରାୟ ପ୍ରଦାନ କରାଯାଇଥିଲା ।

ଏହି ଦୁଇଟି ଆବେଦନରେ ଗୋଟିଏ ସାଧାରଣ ପ୍ରଶ୍ନର ନିଷ୍ପତ୍ତି ଆବଶ୍ୟକ, ଯଥା ତା 15.3.82 ରିଖରେ ଅନୁଷ୍ଠିତ ବୈଠକରେ ବୋର୍ଡ ଅଧିନିୟମର ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେବା ପୂର୍ବରୁ ଓଡ଼ିଶା ରାଜ୍ୟ ବିଦ୍ୟୁତ ବୋର୍ଡ, ଏହାପରେ ବୋର୍ଡ, ଓଡ଼ିଶା ପଦବୀ ଏବଂ ସେବାରେ (ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ପାଇଁ) ପଦବୀ ସଂରକ୍ଷଣ ଅଧିନିୟମ, 1975 ସଂକ୍ଷିପ୍ତରେ 'ଅଧିନିୟମ' ର ଆବଶ୍ୟକତାକୁ ପାଳନ କରିବା ଆବଶ୍ୟକ ଥିଲା କି । ଏହି ତାରିଖଟି ଗୁରୁତ୍ୱପୂର୍ଣ୍ଣ କାରଣ ଏହି ତାରିଖ ପୂର୍ବରୁ ସାଧାରଣ ବର୍ଗ ଏବଂ ରାଜ୍ୟର ପ୍ରଭାବିତ ସେବାଧାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉଭୟ ଆବେଦନରେ ପ୍ରତିବାଦୀ ନମ୍ବର 1 ଥିବା ଅନୁସୂଚିତ ଜାତିର ଦୁଇ ଜଣ ସଦସ୍ୟଙ୍କ ଆଗମନ ପରେ ଅଧିନିୟମର ଲାଭ ଦାବି କରାଯାଇଥିଲା ଏବଂ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଦ୍ୱାରା ଅନୁମତି ମିଳିଥିଲା ।

2. ଉଚ୍ଚ ନ୍ୟାୟାଳୟ ସମ୍ମୁଖରେ ଅନୁସୂଚିତ ଜାତି ସେବାଧାରୀମାନଙ୍କର ମାମଲା ଥିଲା ଯେ ରାଜ୍ୟ ସରକାରଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶ ଅନୁଯାୟୀ, ବିଦ୍ୟୁତ (ଯୋଗାଣ) ଅଧିନିୟମ 78-A ଦ୍ୱାରା କ୍ଷମତାପ୍ରାପ୍ତ ଅଧିନିୟମର ବ୍ୟବସ୍ଥାଗୁଡ଼ିକ ପ୍ରୟୋଗ କରାଯାଇଥିଲା, କାରଣ ସରକାରୀ ଚିଠି ତା 25.9.76 ରିଖ ର ନକଲ ପାଇବା ପରେ ବୋର୍ଡ ନିଜେ ଏହାର ଉପ ସଚିବଙ୍କ ଦ୍ୱାରା ଜାରି କରାଯାଇଥିବା ତା 3.7.76 ରିଖ ଚିଠି ଦ୍ୱାରା ଅଧିନିୟମର ବ୍ୟବସ୍ଥାଗୁଡ଼ିକ ଅନୁଯାୟୀ କାର୍ଯ୍ୟ କରିବା ପାଇଁ ସମସ୍ତ ସମ୍ପୃକ୍ତିର ଆବଶ୍ୟକତା ଥିଲା । ଉଚ୍ଚ

ନ୍ୟାୟାଳୟ ଏହି ଯୁକ୍ତିକୁ ଗ୍ରହଣ କରିଥିଲେ ଏବଂ ଅଧିନିୟମରେ ପ୍ରଦାନ କରାଯାଇଥିବା ସଂରକ୍ଷଣର ବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟ କରିବାକୁ ବୋର୍ଡକୁ ନିର୍ଦ୍ଦେଶ ଦେଇଥିଲେ ।

3. ଶ୍ରୀ ଭେଙ୍କଟରମଣି, ଉପରୋକ୍ତ ପ୍ରତିବାଦୀମାନଙ୍କ ପାଇଁ ହାଜର ହୋଇ, ପ୍ରତିବାଦୀମାନଙ୍କ ଦ୍ଵାରା ନିଆଯାଇଥିବା ଆଭିମୁଖ୍ୟକୁ ସମର୍ଥନ କରି ଦର୍ଶାଇଛନ୍ତି ଯେ ଉପରୋକ୍ତ ନିୟାମାବଳୀ ବ୍ୟତିରେକ ଏବଂ ଚିଠିକୁ ଆଧାର କରି, ଏହି ଅଧିନିୟମ ଅତଏବ ବୋର୍ଡ ଅଧୀନରେ ଥିବା ସେବା ପାଇଁ ପ୍ରଯୁଜ୍ୟ ଯେହେତୁ ବୋର୍ଡ ସମ୍ବିଧାନର ଅନୁଚ୍ଛେଦ 12 ର ଅର୍ଥ ମଧ୍ୟରେ ଏକ "ରାଜ୍ୟ"; ଏବଂ ଅଧିନିୟମ ଅନୁଯାୟୀ, ରାଜ୍ୟ ଅଧୀନରେ ଥିବା ପଦବୀ ଏବଂ ସେବାରେ ସମସ୍ତ ନିଯୁକ୍ତି ପାଇଁ ପ୍ରଯୁଜ୍ୟ ।

4. ଉପରୋକ୍ତ ନିବେଦନକୁ ପ୍ରଥମେ ଯାଞ୍ଚ କରାଯାଉ । ଓଡ଼ିଶା ରାଜ୍ୟର ସରକାର ଏବଂ ବିଧାନମଣ୍ଡଳକୁ ଅନ୍ତର୍ଭୁକ୍ତ କରିବା ପାଇଁ ଅଧିନିୟମ ପ୍ରଣୟନ ହେବା ସମୟରେ "ରାଜ୍ୟ" ଶବ୍ଦର ବ୍ୟାଖ୍ୟା କରାଯାଇଥିଲା । ଓଡ଼ିଶା ଅଧିନିୟମ 9/1982 ଯାହା 1.6.82 ରୁ କାର୍ଯ୍ୟକାରୀ ହୋଇଥିଲା, ରାଜ୍ୟ ମଧ୍ୟରେ କିମ୍ବା ରାଜ୍ୟ ସରକାରଙ୍କ ନିୟନ୍ତ୍ରଣରେ ଥିବା ସମସ୍ତ ସ୍ଥାନୀୟ କିମ୍ବା ଅନ୍ୟ କର୍ତ୍ତୃପକ୍ଷଙ୍କୁ ଅନ୍ତର୍ଭୁକ୍ତ କରିବାର ପରିଭାଷାକୁ ବିସ୍ତାର କରିଥିଲା । ଏହି ଅଧିନିୟମରେ ବ୍ୟବହୃତ "ରାଜ୍ୟ" ଶବ୍ଦକୁ ସେହି ଅର୍ଥରେ ବୁଝିବାକୁ ହେବ, ଯେଉଁ ଅର୍ଥରେ ବିଧାନମଣ୍ଡଳ ଏହି ଶବ୍ଦଟିକୁ ବୁଝାଇଛନ୍ତି । କିନ୍ତୁ ଶ୍ରୀ ଭେଙ୍କଟରମଣି ଦୃଢ଼ ଭାବେ ଯୁକ୍ତି କରିଛନ୍ତି ଯେ ବିଶେଷ କରି ଯେତେବେଳେ ସଂଜ୍ଞାଟି ସମାବେଶୀ ପ୍ରକୃତିର ଅଟେ, ବୋର୍ଡ ଅନୁଚ୍ଛେଦ 12 ଅନୁଯାୟୀ "ରାଜ୍ୟ" ହୋଇଥିବାରୁ, ଅଧିନିୟମରେ ଏହି ଶବ୍ଦର ସଂଜ୍ଞା କାର୍ଯ୍ୟକାରୀ ହେବା ଦ୍ଵାରା ସାମ୍ବିଧାନିକ ସ୍ଥିତିକୁ ପରିବର୍ତ୍ତନ କରିବ ନାହିଁ । ଆମେ ଏହି ପ୍ରସଙ୍ଗକୁ ଗମ୍ଭୀରତାର ସହ ବିଚାର କରିଛୁ, କାରଣ ଶ୍ରୀ ଭେଙ୍କଟରମଣିଙ୍କ ସହ ସହମତ ହେବା ଦ୍ଵାରା ସମାଜର ଦୁର୍ବଳ ବର୍ଗ ଉପକୃତ ହେବେ । ଏହି ପ୍ରଶ୍ନ ପ୍ରତି ଏପରି ଆଭିମୁଖ୍ୟ ସତ୍ତ୍ୱେ, ଆମେ ନିଜକୁ ବିଜ୍ଞ ଅଧିବକ୍ତାଙ୍କ ନିବେଦନକୁ ସ୍ୱୀକାର କରିବାରେ ଅସମର୍ଥ ମନେ କରୁ କାରଣ ବିଧାନସଭା "ରାଜ୍ୟ" ଶବ୍ଦକୁ ବ୍ୟାଖ୍ୟା କରିବା ସମୟରେ ମଧ୍ୟ ପ୍ରାରମ୍ଭିକ ସମୟରେ ସରକାରଙ୍କ ଅନ୍ତର୍ଭୁକ୍ତ ଅଂଶ ବିଷୟରେ ଉଲ୍ଲେଖ କରିଥିଲେ । ତେଣୁ, ବୋର୍ଡ ସାଧାରଣ ଶବ୍ଦ "ରାଜ୍ୟ" ର ସଂଜ୍ଞାର ପରିସର ମଧ୍ୟରେ ଆସିବ ବୋଲି ଏହା ସ୍ୱୀକାର କରାଯାଇପାରିବ ନାହିଁ । 1982ର ସଂଶୋଧନ କେବଳ ସ୍ପଷ୍ଟୀକରଣାତ୍ମକ ପ୍ରକୃତିର ଥିଲା ଏହି କାରଣରୁ, ଆମେ ଶ୍ରୀ ଭେଙ୍କଟରମଣିଙ୍କ ସହ ଆଉ ସହମତ ନୁହଁ । ଆମ ମତରେ, କେବଳ ସଂଶୋଧନ ହେତୁ, ବୋର୍ଡ ପରି ଏକ ସଂସ୍ଥା "ରାଜ୍ୟ" ର ଏକ ଅଂଶ ହୋଇପାରିବନି । ତେଣୁ, ଆମେ ଧାର୍ଯ୍ୟ କରୁ ଯେ କାର୍ଯ୍ୟକାରୀ ହୋଇଥିବା ଅଧିନିୟମ, ଏହାର ନିଜସ୍ୱ ନିୟମ ଦ୍ଵାରା, ବୋର୍ଡର କର୍ମଚାରୀମାନଙ୍କ ପାଇଁ ପ୍ରଯୁଜ୍ୟ ନଥିଲା ।

5. ଉଚ୍ଚ ନ୍ୟାୟାଳୟରେ ବଳବତ୍ତର ଥିବା ଏହା ବାସ୍ତବରେ ଦ୍ୱିତୀୟ ଯୁକ୍ତି ଯାହା ହେଉଛି ଯେ 1982 ମସିହାରେ ଏହି ସଂଶୋଧନ ପୂର୍ବରୁ ମଧ୍ୟ ଏହି ଅଧିନିୟମ ବୋର୍ଡର କର୍ମଚାରୀଙ୍କ ପାଇଁ କାର୍ଯ୍ୟକାରୀ ହୋଇଥିଲା, କାରଣ ବୋର୍ଡର ଉପସଚିବ ତା 3.7.76 ରିଖରେ ଉପରୋକ୍ତ ଚିଠିରେ ଜାରି କରିଥିଲେ, ଯାହା ମଧ୍ୟ ପୂର୍ବରୁ ଉଲ୍ଲେଖ ଥିବା ତା 29.5.76 ରିଖର ସରକାରୀ ଚିଠି ପରେ ଜାରି କରାଯାଇଥିଲା ।

6. ଶ୍ରୀ ଭେଙ୍କଟରମଣି ଯୁକ୍ତି  କରିଛନ୍ତି ଯେ ସରକାରଙ୍କ ଚିଠିକୁ ବିଦ୍ୟୁତ (ଯୋଗାଣ) ଆଇନର ଧାରା 78-A ଅନୁଯାୟୀ କ୍ଷମତା ପ୍ରୟୋଗ କରି ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଏକ ନିର୍ଦ୍ଦେଶ ଭାବରେ ଗ୍ରହଣ କରିବାକୁ ପଡିବ, ଯେଉଁଥିରେ ରାଜ୍ୟ ସରକାରଙ୍କ ଦ୍ୱାରା ଦିଆଯାଇଥିବା ନୀତି ଉପରେ ଏହି  ବୋର୍ଡକୁ ନିର୍ଦ୍ଦେଶ ଦେବା ଆବଶ୍ୟକ । ପ୍ରଶ୍ନ ହେଉଛି, ଉକ୍ତ ଚିଠିଟି ଅଧିନିୟମର ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ବୋର୍ଡକୁ ଏକ ନିର୍ଦ୍ଦେଶ ଥିଲା କି । ଚିଠିର ଅନୁଧ୍ୟାନରୁ ଜଣାପଡ଼େ ଯେ ଏହା ଓଡ଼ିଶା ସରକାରଙ୍କ ଆଦିବାସୀ ଓ ଗ୍ରାମୀଣ କଲ୍ୟାଣ ବିଭାଗର ସଚିବଙ୍କ ଠାରୁ ଆସିଛି ଏବଂ ସରକାର/ବିଭାଗୀୟ  ମୁଖ୍ୟ/ଜିଲ୍ଲାପାଳମାନଙ୍କ ସମସ୍ତ ସଚିବଙ୍କୁ ସମ୍ବୋଧିତ କରାଯାଇଥିଲା । ଏହି ଚିଠିକୁ ବୋର୍ଡକୁ ସମ୍ବୋଧିତ କରାଯାଇ ନାହିଁ କିମ୍ବା ଏପରି କିଛି  ଦର୍ଶାଯାଇ ନାହିଁ ଯେ ଯେଉଁ କାର୍ଯ୍ୟକର୍ତ୍ତାଙ୍କୁ ଏହି ଚିଠି ସମ୍ବୋଧିତ କରାଯାଇଥିଲା, ସେ ଅଧିନିୟମର ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ବୋର୍ଡକୁ କୌଣସି ନିର୍ଦ୍ଦେଶ ଜାରି କରିବାର ଆବଶ୍ୟକତା ନଥିଲା । ତେଣୁ, ଆମେ ଶ୍ରୀ ଭେଙ୍କଟରମଣିଙ୍କ ସହ ସହମତ ନୁହଁ ଯେ ଏହି ଚିଠିଟି ନିଜେ ଅଧିନିୟମର ବ୍ୟବସ୍ଥାଗୁଡ଼ିକୁ ବୋର୍ଡ ଅଧୀନରେ ଥିବା ପଦବୀ ଏବଂ ସେବାରେ ନିଯୁକ୍ତି ପାଇଁ ପ୍ରଯୁଜ୍ୟ ଥିଲା । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ସି ଏ ସଂଖ୍ୟା 1847/1989 ସହିତ ସଂଯୁକ୍ତ  ଏସ୍ ଏଲ୍ ପି  ରେ ସୂଚନା ଜାରି କରିବା ସମୟରେ ସରକାରଙ୍କ ନିୟନ୍ତ୍ରଣରେ କାର୍ଯ୍ୟ କରୁଥିବା ବୋର୍ଡ ଏବଂ ଅନ୍ୟାନ୍ୟ ସଂସ୍ଥାରେ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିଙ୍କ ପାଇଁ ପଦବୀ ସଂରକ୍ଷଣ ସମ୍ବନ୍ଧୀୟ ଆଇନଗତ ସ୍ଥିତି ବ୍ୟାଖ୍ୟା କରି ସତ୍ୟପାଠ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଶପଥ ପତ୍ରର ଅନୁଚ୍ଛେଦ 4 ରେ କୁହାଯାଇଛି ଯେ 1982ର ସଂଶୋଧନ ପୂର୍ବରୁ, ଅଧିନିୟମର ବ୍ୟବସ୍ଥାଗୁଡ଼ିକ ବୋର୍ଡ ଏବଂ ଅନ୍ୟ ସରକାରୀ ଉପକ୍ରମ ଏବଂ ନିଗମର କର୍ମଚାରୀମାନଙ୍କ ପାଇଁ ଲାଗୁ କରାଯାଇପାରି ନଥିଲା  । ତେଣୁ, ଶ୍ରୀ ଭେଙ୍କଟରମଣିଙ୍କ ଦ୍ୱିତୀୟ ଯୁକ୍ତିର ମଧ୍ୟ କୌଣସି  ଆଧାର ନାହିଁ ।

7. ତେବେ, ତୃତୀୟ ତର୍କରେ ତର୍କଯୁକ୍ତତା ରହିଛି, କାରଣ ବୋର୍ଡର ଉପସଚିବ ତା 3.7.76 ରିଖର ପତ୍ରରେ ସମ୍ପୃକ୍ତ ସମସ୍ତଙ୍କୁ ଆଇନର ବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟ କରିବାକୁ ଆବଶ୍ୟକ ବୋଲି କହିଥିଲେ ; ଏବଂ ଏହି ଚିଠିଟି ବାସ୍ତବରେ  ହାଇକୋର୍ଟଙ୍କ ରାୟର ଆଧାର । ଏହି ଚିଠିକୁ ନେଇ ବୋର୍ଡର ଆଭିମୁଖ୍ୟ ହେଉଛି ଯେ ଏହା ବୋର୍ଡର କୌଣସି  ପ୍ରସ୍ତାବ  ଅନୁଯାୟୀ ଉପ ସଚିବ ଦ୍ୱାରା ଜାରି କରାଯାଇ ନାହିଁ, ଯାହା ପ୍ରକୃତରେ 15.3.82 ରେ ଏହାର 266 ତମ ବୈଠକରେ ଗୃହୀତ ହୋଇଥିଲା, ଯାହା ବୋର୍ଡର କାର୍ଯ୍ୟାଳୟର  ଆଦେଶ ତା 29.3.82 ରିଖ ରୁ  ଜଣାପଡେ |

8. ଶ୍ରୀ ଭେଙ୍କଟରାମଣୀ ନିବେଦନ କରିଛନ୍ତି ଯେ ଉପରୋକ୍ତ ପ୍ରସ୍ତାବ ଗ୍ରହଣ କରିବାର ବହୁ ପୂର୍ବରୁ, ବୋର୍ଡ ଅଧିନିୟମ ବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟ କରିବା ଆରମ୍ଭ କରିଥିଲେ, ଯାହା ବୋର୍ଡର ସଚିବଙ୍କ 7 ମାର୍ଚ୍ଚ, ତା 1979 ରିଖର ଚିଠିରୁ ଜଣାପଡେ, ଯାହା ଦାଖଲ ହୋଇଥିବା ସି ଏ ସଂଖ୍ୟା 1847/89 ରେ  ପ୍ରତିବାଦୀ ସଂଖ୍ୟା  1 ର ପାଲଟା ସତ୍ୟପାଠର ସଂଲଗ୍ନକ 7 ଅଟେ । ସମ୍ପୃକ୍ତ ପଦବୀ ପୂରଣ କରିବା ସମୟରେ ଅନୁସୂଚିତ ଜାତି/ଅନୁସୂଚିତ ଜନଜାତି ପ୍ରାର୍ଥୀଙ୍କ ପାଇଁ  ପଦବୀ ସଂରକ୍ଷଣ ନୀତିକୁ ଧ୍ୟାନରେ ରଖିବାକୁ  ହେବ  ବୋଲି  ସେହି

ଚିଠି ଦ୍ୱାରା, ସଚିବ କଟକ ବୈଦ୍ୟୁତିକ ମଣ୍ଡଳ ଅଧୀକ୍ଷକ ଯନ୍ତ୍ରୀକୁ କହିଥିଲେ । ଅନୁଲଗ୍ନକ viii ଦର୍ଶାଉଛି ଯେ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ପ୍ରାର୍ଥୀମାନଙ୍କ ପାଇଁ ସଂରକ୍ଷିତ ପଦବୀଗୁଡ଼ିକ /ଶୂନ୍ୟସ୍ଥାନଗୁଡ଼ିକ ନିମନ୍ତେ 31 ଅଗଷ୍ଟ, 1978 ଏବଂ 19 ସେପ୍ଟେମ୍ବର, 1979ରେ ମଧ୍ୟ ନିଯୁକ୍ତି ଦିଆଯାଇଥିଲା । ଆମ୍ଭମାନଙ୍କର ଧ୍ୟାନ ସଂଲଗ୍ନକ 6 ପ୍ରତି ମଧ୍ୟ ଆକୃଷ୍ଟ କରାଯାଇଛି, ଯାହା ଅଧିନିୟମର ବ୍ୟବସ୍ଥାଗୁଡ଼ିକର ଉଲ୍ଲଙ୍ଘନ ଉପରେ ତା 22.12.1977 ରେ ଲିଖିତଥିବା ଓଡ଼ିଶା ସରକାରଙ୍କ ଅନୁସଚିବଙ୍କୁ  ବୋର୍ଡର ଏକ ଚିଠି ଅଟେ । ଏହି ଚିଠି ସରକାରଙ୍କ କେତେକ ନିର୍ଦ୍ଦିଷ୍ଟ ପ୍ରଶ୍ନର ଉତ୍ତର ଥିଲା  ଏବଂ  ଏଥିରେ କୁହାଯାଇଛି ଯେ 1976 ଜୁଲାଇ ମାସରେ ବୋର୍ଡ ପଦୋନ୍ନତି ଦେବା ସମୟରେ କୌଣସି ଅନୁସୂଚିତ ଜାତି ଏବଂ  ଅନୁସୂଚିତ ଜନଜାତି ପ୍ରାର୍ଥୀଙ୍କର  ପଦୋନ୍ନତି ପାଇଁ ବିଚାର  ମଧ୍ୟରେ ଉପଲବ୍ଧ ନଥିଲା  ।

9. ଉପରୋକ୍ତ ତଥ୍ୟ ଦର୍ଶାଏ ଯେ ବୋର୍ଡ ଅଧିନିୟମ ବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟ କରିବା ଆରମ୍ଭ କରିଥିଲେ  । ପ୍ରଶ୍ନ ହେଉଛି ଯେ ଏହି କାର୍ଯ୍ୟଧାରା ଅନୁସୂଚିତ ଜାତି/ଅନୁସୂଚିତ ଜନଜାତିର ସଦସ୍ୟମାନଙ୍କୁ ଅଧିକାର ପ୍ରଦାନ କରିଛି ବୋଲି କୁହାଯାଇପାରିବ କି, ଯେପରି ଏହାକୁ ନ୍ୟାୟାଳୟଙ୍କ ଆଇନ ମାଧ୍ୟମରେ କାର୍ଯ୍ୟକାରୀ କରାଯାଇପାରିବ । ଏହି ପରିପ୍ରେକ୍ଷୀରେ, ଆମେ ଲକ୍ଷ୍ୟ କଲୁ ଯେ ବୋର୍ଡ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଅଧିନିୟମର ବ୍ୟବସ୍ଥାଗୁଡ଼ିକ ବୋର୍ଡର କର୍ମଚାରୀଙ୍କ ସେବାର ଏକ ସର୍ତ୍ତ ପାଲଟିବା ପାଇଁ  ଅଧିନିୟମର ବ୍ୟବସ୍ଥାଗୁଡ଼ିକ କମ୍ ଥିଲା । ଏଥିପାଇଁ ଆମ ଅନୁଯାୟୀ ବୋର୍ଡର ଏକ ବିଧିବଦ୍ଧ ନିଷ୍ପତ୍ତିର ଆବଶ୍ୟକତା ଥିଲା, ଯାହା ପୂର୍ବରୁ ଉଲ୍ଲେଖ ଥିବା ତା 15.3.82ରେ ଅନୁଷ୍ଠିତ ବୈଠକରେ ନିଆଯାଇଥିଲା । ସେହି ତାରିଖ ପୂର୍ବରୁ କର୍ମଚାରୀମାନଙ୍କୁ ଅଧିନିୟମର ବ୍ୟବସ୍ଥା ପାଳନ କରିବାର ଦାବି ପାଇଁ କୌଣସି ଆଇନଗତ ଅଧିକାର ଦିଆଯାଇନଥିଲା ।

10. ଏହି ସ୍ଥିତି ଯୋଗୁଁ, ଆମେ ଏହା ମାନିବାକୁ ବାଧ୍ୟ ଯେ ଉଚ୍ଚ ନ୍ୟାୟାଳୟର ବିବାଦୀୟ ରାୟଗୁଡ଼ିକ ଧାରଣୀୟ ନୁହେଁ ଏବଂ ତେଣୁ ସେଗୁଡ଼ିକୁ ବାତିଲ କରାଯାଇଛି । ତଥାପି, ଏହା ସ୍ପଷ୍ଟ ଯେ ଯଦି ବୋର୍ଡର ତା 15.3.82 ରିଖର ନିଷ୍ପତି ପୂର୍ବରୁ ବୋର୍ଡର କୌଣସି ଅନୁସୂଚିତ ଜାତି/ଅନୁସୂଚିତ ଜନଜାତି କର୍ମଚାରୀଙ୍କୁ ଅଧିନିୟମ ବ୍ୟବସ୍ଥାଗୁଡ଼ିକର ଲାଭ ଦିଆଯାଇଥାଏ, ତେବେ ଆମର ଏହି ରାୟ ହେତୁ ସେମାନଙ୍କର ସେବା କୌଣସି ପ୍ରକାରେ ପ୍ରତିକୂଳ ଭାବରେ ପ୍ରଭାବିତ ହେବନାହିଁ ଏବଂ ସେମାନଙ୍କୁ ପ୍ରଦାନ କରାଯାଇଥିବା ସୁବିଧା ସେମାନେ ଉପଭୋଗ କରି ରହିବେ ।

11. ସେହି ଅନୁଯାୟୀ ଆବେଦନକୁ ଅନୁମତି ଦିଆଯାଇଛି । ପକ୍ଷଗୁଡ଼ିକ ସେମାନଙ୍କର ସମସ୍ତ ନିଜସ୍ୱ ଖର୍ଚ୍ଚ ବହନ କରିବେ ।

ଭି.ଏସ୍.ଏସ୍.

ଆବେଦନଗୁଡ଼ିକୁ ଅନୁମତି ଦିଆଗଲା ।

## **ଅସ୍ୱୀକରଣ**

" ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ । "

**ଅନୁବାଦକ**
**ସୌମ୍ୟରଂଜନ ବେହେରା,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ ।**